ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୮ ଜୁନ୍, ୨୦୨୧

## ଅକ୍ସିଜେନ ବ୍ୟାଙ୍କ ଲୋକାର୍ପିତ

**ଟିଟିଲାଗଡ଼, (ଡି.ଏନ.ଏ.):** ଟିଟିଲାଗଡ଼ର ଜିତେନ୍ଦ୍ର ମିଶ୍ର ନିଜର ମାଙ୍କ ସ୍ମୃତିରେ ଜୁହାର ଫାଉଣ୍ଡେସନ ମୁମ୍ବାଇ ସହଭାଗିତାରେ ପ୍ରୋଜେକ୍ଟ ସୌଦାମିନୀ ଅନ୍ତର୍ଗତ ୧୦ଟି ଅକ୍ସିଜେନ ସିଲିଣ୍ଡର ଲୋକାର୍ପିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଟୁକୁନି ସାହୁ ଏବଂ ଏସ୍‌ଡିଏମଓ ପ୍ରଦୀପ ନାୟକ ଉପସ୍ଥିତ ଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୌଦାମିନୀ ପ୍ରୋଜେକ୍ଟର ସଦସ୍ୟ ପ୍ରମୋଦ ପ୍ରଧାନ। କାର୍ଯ୍ୟକ୍ରମ ପରିଚାଳନାରେ ଉମାକାନ୍ତ ମିଶ୍ର, ସୁମନ ବେହେରା, ସନ୍ତୋଷ ମହାନ୍ତି, ସତ୍ୟ ରାଓ, ନିରୋଜ ପଟ୍ଟନାୟକ ସହଯୋଗ କରିଥିଲେ।



# ମାମଲା ଚାପିଦେବାକୁ ଉଦ୍ୟମ

## ଶିଶୁ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଅତାବିରା,୭।୬(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଝିଲିମିଣ୍ଡା ପଞ୍ଚାୟତ ଅଧୀନ କ୍ଷୀରାପାଲି ବିଶିଟିକ୍ରାରେ ଶନିବାର ରାତିରେ ଜଣେ ଶିଶୁ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହେବା ଏବଂ ରାତାରାତି ମୃତଦେହକୁ ପୋଡ଼ି ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତ ଶିଶୁ ଶ୍ରମିକ ହେଲେ ବିଶିଟିକ୍ରାର ରାଜେଶ ବେହେରାଙ୍କ ପୁଅ ଅରୁଣ(୧୪)। ସେ ଜମିହିଡ଼ରେ ଶୋଇଥିବାବେଳେ ଏକ ହାର୍ଭେଷ୍ଟର ଚାପାରେ ତାଙ୍କର ମୃତ୍ୟୁ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଏ ନେଇ ଥାନାରେ ଏତଲା ହୋଇ ନ ଥିବାବେଳେ ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତାବିରା ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ତାଙ୍କୁ ସୂଚନା ମିଳିଛି ଏବଂ ତଦନ୍ତ ହେଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଥିଲେ।

ପ୍ରକାଶ ଯେ, ଅରୁଣ କ୍ଷୀରାପାଲି କେନାଲ ଆନ୍ଧ୍ରପଡ଼ାର ଜଣଙ୍କ ପାଖରେ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଟ୍ରାକ୍ଟର ଓ ହାର୍ଭେଷ୍ଟର ମଧ୍ୟ ଚଳାଉଥିଲେ। ଶନିବାର ରାତ୍ରିରେ କାମ କରି ଥକିପଡ଼ି ସେ ଜମିହିଡ଼ରେ ଶୋଇଥିଲେ। ସେତେବେଳେ ତାଙ୍କ ମାଲିକ ହାର୍ଭେଷ୍ଟର ଚଳାଉଥିଲେ ଏବଂ ହାର୍ଭେଷ୍ଟର ଚଢ଼ିଯିବାରୁ ଅରୁଣ ଗୁରୁତର ହୋଇ ପଡ଼ିଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ନିଆଯାଇଥିଲା। ମାତ୍ର ଚିକିତ୍ସା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ସମ୍ପୃକ୍ତ ହାର୍ଭେଷ୍ଟର ମାଲିକ ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ତାଗିଦ୍ କରିଥିବା ଏବଂ ମୃତଦେହକୁ ରାତାରାତି ପୋଡ଼ି ଦେଇଥିବା ସୂଚନା ମିଳିଛି। ମୃତ ଶିଶୁ ଶ୍ରମିକଙ୍କ ପରିବାର ଲୋକେ ନିରୀହ ହୋଇଥିବାରୁ ଏଭଳି ଏକ ଘଟଣାକୁ ଚାପି ଦେବା ପାଇଁ ବିଭିନ୍ନ ମହଲରେ ଅପପ୍ରୟାସ ଜାରି ରହିଛି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ୧୮-୪୪ ବର୍ଷ ବୟସ୍କଙ୍କୁ କରୋନା ଟିକାକରଣ ଆରମ୍ଭ

**ବଲାଙ୍ଗୀର ଅଫିସ, ୭।୬:** ବଲାଙ୍ଗୀର ଜିଲାରେ ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ସୋମବାର ଠାରୁ କରୋନା ଟିକାକରଣ ଆରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସହରର ୪ଟି ସ୍ଥାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କମର୍ସ ବ୍ଲକ୍, ଜେଆଇଟିଏମ୍ କଲେଜ, କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଟାଉନ୍ ବାଳକ ଉଚ୍ଚବିଦ୍ୟାଳୟ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ଦିନରୁ ଯୁବବର୍ଗରେ ଟିକାକରଣକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସକାଳ ୮ଟାରୁ ଯୁବତୀ, ଯୁବକମାନେ ଲାଇନ୍ ଲମ୍ବାଇ ଠିଆ ହୋଇ ଟିକା ନେଇଥିଲେ। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି, ସିଡିଏମ୍‌ଓ ଡା. ଭୀମ ସାହୁ, ମ୍ୟୁନିସିପାଲିଟି ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ଦୀପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉପସ୍ଥିତ ରହି ଟିକାଦାନ ପରିଚାଳନାକୁ ସୁବ୍ୟବସ୍ଥିତ କରିଥିଲେ।

### ବୌଦ୍ଧରେ ପଜିଟିଭ ସଂଖ୍ୟା ୧୧ ହଜାର ପାର୍

**ବୌଦ୍ଧ,୭।୬(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ସୋମବାର ୧୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଏନ୍‌ଏସିରୁ ୧୧ ଜଣ, ବୌଦ୍ଧ ବ୍ଲକରୁ ୫୨, ହରଭଙ୍ଗା ବ୍ଲକରୁ ୨୮ ଏବଂ କଣ୍ଟାମାଲ ବ୍ଲକରୁ ୨୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।ଜିଲାରେ କୋଭିଡ ରୋଗୀ ସଂଖ୍ୟା ୧୧ ହଜାର ପାର୍ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସଂକ୍ରମଣ ହାର ବଢିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୧୦୨୪ ଜଣ ସଂକ୍ରମଣ ହୋଇ ସାରିଲେଣି। ସେମାନଙ୍କ ମଧ୍ୟରୁ ୮୩୪୬ ଜଣ କରୋନା ମୁକ୍ତ ହୋଇ ଘରକୁ ଫେରିଥିବା ବେଳେ ଆହୁରି ୨୬୨୧ ଜଣ ଚିକିତ୍ସାଧୀନ ଅଛନ୍ତି। ସରକାରୀ ହିସାବରେ ବୌଦ୍ଧ ଜିଲାରେ କୋଭିଡ ମୃତ୍ୟୁ ସଂଖ୍ୟା ୫୭ରେ ପହଞ୍ଚିଛି।

### ଜାତୀୟସ୍ତରୀୟ ଆଲୋଚନାଚକ୍ର

**ଭବାନୀପାଟଣା, ୭।୬ (ଡି.ଏନ.ଏ.):** କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିନବିକରଣ ଏବଂ ବିକାଶ ନିମନ୍ତେ ଶିକ୍ଷାନୁଷ୍ଠାନ- ଶିଳ୍ପାନୁଷ୍ଠାନ ସହଯୋଗୀତା ବିଷୟ ବସ୍ତୁ ଉପରେ ଏକ ଜାତୀୟସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଅଭିନବିକରଣ ନିର୍ଦ୍ଦେଶକ ଡ. ମୋହିତ ଗାମ୍ଭୀର ମୁଖ୍ୟଅତିଥି ଏବଂ ଭାରତ ସରକାରଙ୍କ ଜାତୀୟ ଗବେଷଣା ବିକାଶ ନିଗମର ଆଞ୍ଚଳିକ ମୁଖ୍ୟ ଡ. ବିଜୟ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ନୃତତ୍ତ୍ୱ ବିଭାଗର ମୁଖ୍ୟ ତଥା ଆଲୋଚନାଚକ୍ରର ଆବାହିକା ଡ. ସିଲି ରାଉତ ଆଲୋଚନାଚକ୍ର ଉଦ୍ଦେଶ୍ୟ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ନୂତନ ଗବେଷଣା ଓ ଆବିଷ୍କାର ନିମନ୍ତେ ଶିକ୍ଷାନୁଷ୍ଠାନ-ଶିଳ୍ପାନୁଷ୍ଠାନ ସହଯୋଗୀତାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉଭୟ ନିଜ ବକ୍ତବ୍ୟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନୂତନ ଆବିଷ୍କାର ଏବଂ ସମ୍ଭାବନାର ଦିଗଦର୍ଶନ ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି ସଭାରେ ଉଦବୋଧନ ଦେଇ କହିଥିଲେ ବିଶ୍ୱବିଦ୍ୟାଳୟରେ କାଗଜ ପ୍ରସ୍ତୁତ କରିବା କଳ ପ୍ରତିଷ୍ଠା କରାଯିବା ପାଇଁ ସମସ୍ତ ପ୍ରକ୍ରିୟା ସରିଛି। ଭବାନୀପାଟଣା ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ ହେବ ବୋଲି କହିଥିଲେ।

### ଉପେନ୍ଦ୍ର ବାରିକଙ୍କ ବିୟୋଗରେ ଶୋକସଭା

**ସୋନପୁର,୭।୬(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ବାରିକଙ୍କ ଗତ ଶୁକ୍ରବାର ପରଲୋକ ହୋଇଯାଇଛି। ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ବ୍ରଜ ମୋହନ ଦାନୀଙ୍କ ସଭାପତିତ୍ୱରେ ସୋନପୁର ପଶ୍ଚିମ ସୋମନାଥ ମନ୍ଦିରରେ ସରକାରଙ୍କ କୋଭିଡ୍ ନିୟମକୁ ପାଳନ କରି ଏକ ଶୋକସଭା ରବିବାର ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ବ୍ରଜ ଗୋପାଳ ପୂଜାହାରୀ, କଲ୍ୟାଣ ପାଢୀ, କମଳ ଲୋଚନ ମହାନ୍ତି, ବିରଞ୍ଚି ନାରାୟଣ ମହାନ୍ତି, ବାଳକୃଷ୍ଣ ବାଘ, କଳାକାହ୍ନୁ ଠାକୁର, ଧ୍ରୁବରାଜ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଉପେନ୍ଦ୍ର ବାରିକ୍‌ଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କୋଭିଡ୍ ସଚେତନତା ରଥର ଶୁଭାରମ୍ଭ



ସୋମବାର କୋଭିଡ୍ ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

**ଭବାନୀପାଟଣା, ୭।୬ (ଡି.ଏନ.ଏ.)**

କୋଭିଡ୍ ସମ୍ବନ୍ଧିୟ ସୂଚନା ଓ ବାର୍ତ୍ତା ଦୃଶ୍ୟଶ୍ରାବ ମାଧ୍ୟମରେ ଜନ ସଚେତନତାକୁ ଅଧିକ ବ୍ୟାପକ କରିବା ନିମନ୍ତେ ଜିଲାରେ କରୋନା ସଚେତନତା ରଥ ଶୁଭାରମ୍ଭ କରାଯାଇଛି। କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲାସ୍ତରୀୟ ଅଧିକାରୀ ତଥା କଳା ସଂସ୍କୃତି ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ସଚେତନ ରଥ ସୋମବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲାର ୧୩ଟି ବ୍ଲକରେ ପ୍ରଚାର ପୂର୍ବକ ଭ୍ରମଣ କରିବ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ସ୍ୱରୂପ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ଓଡିଶାର ମିଳିତ ଉଦ୍ୟମରେ ଏହି କୋଭିଡ୍ ସଚେତନତା ରଥ ଦୃଶ୍ୟଶ୍ରାବ ମାଧ୍ୟମରେ ଜିଲାରେ ପ୍ରଚାର କରାଯିବା ପାଇଁ ସ୍ଥିର କରାଯାଇଛି। ସୋମବାର ଏହି ରଥ ସହର ବିଭିନ୍ନ ୱାର୍ଡ ଏବଂ ନିକଟ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର କରିଛି। ଶୁଭାରମ୍ଭ ଅବସରରେ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ସାଂସ୍କୃତିକ ପରିଷଦ ସଭ୍ୟ ଭବାନୀଶଙ୍କର ନିଆଲ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କରୁଣାକର ଦାସ, ନଗର କଳା ସଂସ୍କୃତି ସଂଘ ଉପସଭାପତି ଧ୍ୟାନନନ୍ଦ ପଣ୍ଡା ତଥା ଜିଲା ସଂସ୍କୃତି କାର୍ଯ୍ୟାଳୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

**ବୌଦ୍ଧ,୭।୬(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଚାଷୀଙ୍କ ଉନ୍ନତି ପାଇଁ ମୂଲ୍ୟାୟନ ଭୁବନେଶ୍ୱରରେ ନ ହୋଇ ଜିଲାସ୍ତରରେ ସବୁ ନୀତି ନିର୍ଦ୍ଧାରଣ କରାଯିବା, ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଧାନ ବିକ୍ରୟ କରିବା ପାଇଁ ଅନୁମତି ପ୍ରଦାନ, ଧାନମଣ୍ଡିଗୁଡିକରେ ମିଲରମାନଙ୍କ ଦ୍ୱାରା କରାଯାଉଥିବା କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ଚାଷୀଙ୍କୁ ଦେବାର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଭାଜପା କର୍ମକର୍ତ୍ତା।

ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚା ଜିଲା ସଭାପତି ରବୀନ୍ଦ୍ର କୁମାର ଦେଓ, ଜିଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ପ୍ରଭୁଦତ୍ତ ଦଲାଲ, ଶ୍ୟାମସୁନ୍ଦର ପୁରୋହିତ, ମନୋରଞ୍ଜନ ଦାସ, ପ୍ରେମାନନ୍ଦ ମିଶ୍ର ଓ ବରିଷ୍ଠ ଚାଷୀନେତା ବୈକୁଣ୍ଠ ପ୍ରଧାନଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ସାହିତ୍ୟିକ ଚୈତନ୍ୟଦାସ ଠାକୁରଙ୍କ ପରଲୋକ

**ବଲାଙ୍ଗୀର ଅଫିସ/ ଟିକ୍ରାପଡା, ୭।୬ (ଡି.ଏନ୍.ଏ.)**



ଅବସରପ୍ରାପ୍ତ ଶିକ୍ଷକ, ସାହିତ୍ୟିକ, ଦିବ୍ୟଜୀବନ ପ୍ରେମୀ ଚୈତନ୍ୟ ଦାସ ଠାକୁର (୭୧)ଙ୍କ ସୋମବାର ଭିମସାରରେ ହୃଦ୍‌ଘାତରେ ପରଲୋକ ଘଟିଛି। ବେଲପଡା ବ୍ଲକ୍ ମଣ୍ଡଳ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଠାକୁର ବଲାଙ୍ଗୀର ସହରରେ ରହୁଥିଲେ। ଟିକ୍ରାପଡା ସରକାରୀ ଉଚ୍ଚବିଦ୍ୟାଳୟରୁ ପ୍ରଧାନଶିକ୍ଷକଭାବେ ଅବସର ଗ୍ରହଣ କରିବା ପରେ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା ଅଧ୍ୟାତ୍ମ–ବାହିନୀର ସେ ସମ୍ପାଦକ ଥିଲେ। ଶିବାନନ୍ଦ ଆଶ୍ରମ, ଦିବ୍ୟଜୀବନ ସଂଘ ସତ୍ୟସାଇ ସେବା ସଙ୍ଗଠନ ସହ ସେ ଜଡିତ ଥିଲେ। ମୃତ୍ୟୁବେଳକୁ ତାଙ୍କ ସ୍ତ୍ରୀ ଆରତୀ, ପୁଅ ତ୍ୟାଗରାଜ, ଝିଅ ବର୍ଷା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଲାଙ୍ଗୀରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ପ୍ରଫେସର ମଧୁସୂଦନ ପତି, ରବିଚନ୍ଦ୍ର ଉଦଗାତା, ରାଧାବଲ୍ଲଭ ପରିଚ୍ଛା, ରଘୁନାଥ ବାବୁ, ପ୍ରମୋଦ ପାଣ୍ଡିଆ, ଶିବାନନ୍ଦ ଦାସ, କ୍ଷୀରୋଦ୍ର ସାହୁ, ଶଙ୍କର ବନ୍ଛୋର, ଡା. ବୀରେନ୍ କୁମାର ପଣ୍ଡା, ସତ୍ୟେନ ପଣ୍ଡା ଶୋକବ୍ୟକ୍ତ କରିଛନ୍ତି।

## ବିବାହିତ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଲୋଇସିଂହା, ୭।୬(ଡି.ଏନ.ଏ)**

ବଲାଙ୍ଗୀର ଲୋଇସିଂହା ବ୍ଲକ ତଥା ସଦର ଥାନା ଅନ୍ତର୍ଗତ କୁଶଙ୍ଗ ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ହତ୍ୟା କରଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ନାମ ରଜନୀ ସାହୁ(୨୬)। ମୃତାଙ୍କ ବାପା ଟଙ୍କଧର ସାହୁ ଏ ନେଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଝିଅକୁ ହତ୍ୟା କରି ଦୁର୍ଘଟଣାର ରୂପଦେବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି। ଲୋଇସିଂହା ଥାନା ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଟଙ୍କରଧର ସାହୁଙ୍କ ଝିଅ ରଜନୀ ଦୁଇବର୍ଷ ତଳେ କୁଶଙ୍ଗ ଗ୍ରାମର ଭୀଷ୍ମଦେବ ସାହୁ(୩୬)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସୋମବାର ଅପରାହ୍ନରେ ବିଦ୍ୟୁତ ଆଘାତରେ ରଜନୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ଭୀଷ୍ମଦେବ ଶଶୁର ଘର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଖବର ପାଇ ମୃତାଙ୍କ ବାପଘର ଲୋକେ କୁଶଙ୍ଗରେ ପହଞ୍ଚିଥିଲେ। ସେତେବେଳେ ରଜନୀଙ୍କ ମୃତଦେହ ଘରଭିତରେ ପଡି ରହିଥିଲା। ବେକରେ ଦାଗ ରହିଥିଲା। ହତ୍ୟା ସନ୍ଦେହ କରି ସେମାନେ ପୋଲିସକୁ ଖବର ଦେଇଥିଲେ।

# ବୌଦ୍ଧ କୋଭିଡ୍ ହସ୍ପିଟାଲରେ ହେବ ୧୦ ଶଯ୍ୟା ବିଶିଷ୍ଟ ଶିଶୁ ଆଇସିୟୁ

**ବୌଦ୍ଧ,୭।୬(ସ୍ୱ.ପ୍ର.)**

ସମ୍ଭାବ୍ୟ ତୃତୀୟ ପର୍ଯ୍ୟାୟ କରୋନା ସଂକ୍ରମଣର ମୁକାବିଲା ପାଇଁ ବୌଦ୍ଧ ଜିଲା ପ୍ରସ୍ତୁତ ହେଉଛି। ଏହି ପର୍ଯ୍ୟାୟରେ ସବୁବର୍ଗର ବ୍ୟକ୍ତିଙ୍କ ସମେତ ଶିଶୁମାନେ ଆକ୍ରାନ୍ତ ହୋଇପାରନ୍ତି ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କୋଭିଡ ହସ୍ପିଟାଲ ପରିସରରେ ପେଡିଆଟ୍ରିକ୍ ଆଇସିୟୁ (ଶିଶୁ ଆଇସିୟୁ) ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୦ଟି ଶିଶୁ ଆଇସିୟୁ ସ୍ଥାପନ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୌଦ୍ଧ ଜିଲାକୁ ୮୦ ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ କରିଛି । ସେହି ଅର୍ଥରେ ଶିଶୁମାନଙ୍କ ପାଇଁ ଆଇସିୟୁ ଶଯ୍ୟା ସ୍ଥାପନ କରାଯିବ ବୋଲି ଜଣାଯାଇଛି। ଆଇସିୟୁ ବେଡ ସ୍ଥାପନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସ୍ଥାନ ନିରୂପଣ କରିବାକୁ କୁହାଯାଇଛି। ସ୍ଥାନ ଚିହ୍ନଟ ହେବା ପରେ ଏହି କାର୍ଯ୍ୟ ଆଗେଇବ। ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେହିପରି ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆଇସୋଲେଶନ ବେଡ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଟି ଲେଖାଏ ବେଡ ରହିବ। ଏହି ବେଡ ସହ ଅକ୍ସିଜେନ୍ ସିଲିଣ୍ଡର ଓ କନସେନଟ୍ରେଟର ସଂଯୋଗ ରହିବ। ତୃତୀୟ ପର୍ଯ୍ୟାୟ ସଂକ୍ରମଣ ଶିଶୁମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ ଆଇସିୟୁ ସ୍ଥାପନ ବୌଦ୍ଧ ଜିଲା ପାଇଁ ଉପାଦେୟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆଜି ଠାରୁ ୧୮ରୁ ୪୪ବର୍ଷ ବୟସ୍କଙ୍କୁ ଟିକାକରଣ

**ସୋନପୁର,୭।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ କୋଭିଡ୍ ଟିକାକରଣ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ବର୍ଗ ପାଇଁ ଜିଲାରେ ୨ହଜାର ଡୋଜ୍ ଟିକା ପହଞ୍ଚିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା କେବଳ ସୁବର୍ଣ୍ଣପୁର ପୌରାଞ୍ଚଳରେ ଦିଆଯିବ। ସହରର ୪ଟି ସ୍ଥାନ ଯଥା–ସଂସ୍କୃତି ଭବନ, ମହିଳା ମହାବିଦ୍ୟାଳୟ, ସୋନପୁର ରାଜ କଲେଜ ଓ ମାରୱାଡି ଧର୍ମଶାଳାରେ ମୋଟ ୭ଟି ଟିକାକରଣ କେନ୍ଦ୍ର କରାଯାଇଛି। ମଙ୍ଗଳବାର ଓ ବୁଧବାର ଯୁବବର୍ଗଙ୍କୁ ପ୍ରଥମ ଡୋଜ ଟିକା ଦିଆଯିବ। ଏଥିନିମନ୍ତେ କୋୱିନ୍ ପୋର୍ଟାଲ ମାଧ୍ୟମରେ ହିତାଧିକାରୀଙ୍କୁ ପୂର୍ବରୁ ପଞ୍ଜୀକରଣ କରିବା ସହ ସ୍ଲଟ ବୁକିଂ ବାଧ୍ୟତାମୂଳକ। ଯୋଗ୍ୟ ପଞ୍ଜୀକୃତ ହିତାଧିକାରୀ ସକାଳ ୯ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ସ୍ଲଟ୍ ବୁକିଂ ସମୟ ଅନୁସାରେ କେନ୍ଦ୍ରକୁ ଯାଇ ଟିକା ନେଇପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କମସରା, ଲଛିପୁର ଫାଣ୍ଡିର ନୂତନ କୋଠା ଉଦ୍‌ଘାଟିତ



ଏସ୍‌ପି ସୀତାରାମ ଶତପଥୀ କମସରା ଫାଣ୍ଡି ଗୃହ ଉଦ୍‌ଘାଟନ କରୁଛନ୍ତି ।

**ସୋନପୁର/ତରଭା,୭।୬(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ କମସରା ଫାଣ୍ଡିର ନୂତନ କୋଠା ଓ ସୋନପୁର ଥାନା ଲଛିପୁର ଫାଣ୍ଡିର ନୂତନ କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୋଭିଡ୍ କଟକଣା ଅନୁଯାୟୀ ଜିଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ ନବନିର୍ମିତ ଦୁଇଟି କୋଠା ଉଦ୍‌ଘାଟନ କରିଥିଲେ। କମସରାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଓ ଲଛିପୁରରେ ୪୫ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ହୋଇଛି। କମସରା ଫାଣ୍ଡି ଅଞ୍ଚଳ ଉତ୍ତେଜନା ପ୍ରବଣ ହୋଇଥିବାରୁ ଏହାକୁ ଥାନା କରିବା ସହିତ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଏସ୍‌ପି ଶତପଥୀଙ୍କ ନିକଟରେ ଦାବି କରିଥିଲେ। ଏହାର ଉତ୍ତରରେ ଏହି ପ୍ରସ୍ତାବ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ବିଚାରାଧୀନ ଥିବା ଏସ୍‌ପି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଉତ୍କଳ କେଶରୀ ଦାସ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ତରଭା ଆଇଆଇସି ନିରଞ୍ଜନ ଦାସ, ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର, କମସରା ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝୀ ଓ ଲଛିପୁର ଫାଣ୍ଡି ଅଧିକାରୀ ସରୋଜ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। କମସରାରେ ସରପଞ୍ଚ ଦଶରଥ ସାହୁ, ପ୍ରଭାତ କୁମାର ପାତ୍ର ଓ ଶିଶିର କୁମାର ପଣ୍ଡାଙ୍କୁ ଉପଢୌକନ ପ୍ରଦାନ କରା ଯାଇଥିଲା।

# ଟାର୍ଗେଟ୍ ବଢାଇବାକୁ ଦାବି କଲେ ଚାଷୀ

**ଖପ୍ରାଖୋଲ, ୭।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି ସମବାୟ ସମିତି ଧାନମଣ୍ଡିରେ ଟାର୍ଗେଟ ନ ଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ୭୨ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୬୮ଜଣଙ୍କ ଟୋକନ ଆସିଛି। ଇତିମଧ୍ୟରେ ଆସିଥିବା ୧୫ଶହ କୁଇଣ୍ଟାଲ ଧାନ ବିକ୍ରି ଟାର୍ଗେଟ ସରିଯାଇଛି । ଦିନେ ଦୁଇଦିନ ମଧ୍ୟରେ ଅନେକ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ଥିବାବେଳେ କିଭଳି ଧାନ ବିକିବେ ସେ ନେଇ ଚାଷୀ ଚନ୍ତିତ ହୋଇ ପଡିଛନ୍ତି। ଏ ନେଇ ଆନ୍ଦୋଳନ ସକାଶେ ଖପ୍ରାଖୋଲ ଥାନାରେ ଭାଲୁଡୁଙ୍ଗୁରି ଗାଁର ଚାଷୀମାନେ ଜଣାଇବାକୁ ଯାଇଥିବାବେଳେ ଥାନା ଅଧିକାରୀ ରମାକାନ୍ତ ସାହୁ ସେମାନଙ୍କୁ ବୁଝାସୁଝା କରିଥିଲେ । ପରେ ତହସିଲଦାର ଧିରୋଜ କୁମାର ପାତ୍ର ଚାଷୀଙ୍କ ସହ ଆଲୋଚନା କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ତହସିଲଦାର ପାତ୍ରଙ୍କୁ ପଚାରିବାରୁ ଆଲୋଚନା ପରେ ମଣ୍ଡିକୁ ୫ଶହ କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି । ମଙ୍ଗଳବାର ଟୋକନ ଲାପ୍ସ ହେବା ଚାଷୀଙ୍କ ଧାନ କିଣା ଯିବ ବୋଲି କହିଛନ୍ତି। ସେହିପରି ସମବାୟ ସମିତି ସମ୍ପାଦକ ଶ୍ରୀପତୀ ଭୋଇଙ୍କୁ ପଚାରିବାରୁ ଆହୁରି ଟାର୍ଗେଟ ଆସିଲେ ଯାଇ ସମସ୍ତ ଚାଷୀଙ୍କ ଧାନ କିଣା ସମସ୍ୟା ସମାଧାନ ହୋଇପାରିବ ବୋଲି କହିଛନ୍ତି। ତୁରନ୍ତ ଟାର୍ଗେଟ ଦେବାକୁ ଭାଲୁଡୁଙ୍ଗୁରି ଗାଁର ଚାଷୀ ବବ୍ରୁ ସାହୁ, ମାର୍କଣ୍ଡ ବିଶ୍ୱାଳ, ଲୋକନାଥ ବିଶ୍ୱାଳ, ଜେନାମଣି ସାହୁ ପ୍ରମୁଖ ଦାବି କରିଛନ୍ତି।

# ଜିଲାପାଳଙ୍କ ଟିକାଦାନ କେନ୍ଦ୍ର ପରିଦର୍ଶନ

**ନୂଆପଡ଼ା ଅଫିସ,୭।୬**

ନୂଆପଡା ଜିଲା ସଦର ମହକୁମାଠାରେ ଯୁବବର୍ଗଙ୍କୁ କୋଭିଡ୍ ଟିକା ଦେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସୋମବାରଠାରୁ ୩ ଦିନ ପାଇଁ ଟିକାଦାନ ଚାଲିବ। ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କୁ ଟିକା ନେବା ପାଇଁ ଆହ୍ୱାନ କରାଯାଇଛି। ଜିଲାର ୩ ଗୋଟି ସ୍ଥାନ କଲ୍ୟାଣ ମଣ୍ଡପ, ନ୍ୟାଶନାଲ ହାଇସ୍କୁଲ ଓ ବୟଜ ୟୁପି ସ୍କୁଲ ନୂଆପଡାରେ ଟିକାଦାନ କେନ୍ଦ୍ର ଖୋଲାଯାଇ ଟିକା ଗ୍ରହଣ ହେଉଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ସ୍ୱାଧାଦେବ ସିଂ ଟିକାକରଣ କେନ୍ଦ୍ର ପରିଦର୍ଶନ କରି ଟିକା ଗ୍ରହଣ କରିଥିବା ଯୁବବର୍ଗଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଜଣାପଡିଛି। ମହାମାରୀରୁ ସୁରକ୍ଷିତ ରହିବା ପାଇଁ ଟିକା ନେବା ଅନିବାର୍ଯ୍ୟ। ନିଜ ସ୍ଲଟ ବୁକ କରି ଟିକା ନେବାକୁ ଜିଲାପାଳ ଯୁବବର୍ଗଙ୍କୁ ଆହ୍ୱାନ କରିଛନ୍ତି।



ଜିଲାପାଳ ସ୍ୱାଧାଦେବ ସିଂ ଟିକାକରଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି ।

# ତୃତୀୟ ଲହର ଲାଗି ପ୍ରସ୍ତୁତ ରହିବାକୁ ଆହ୍ୱାନ

## ରୋଗୀ କଲ୍ୟାଣ ସମିତି ବୈଠକ

**ଲୋଇସିଂହା, ୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତର ଏକ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ପ୍ରତିମା ସୋରେନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଡିଓ ରାମଚନ୍ଦ୍ର ଖର୍ଡିଆ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ୬ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। କରୋନାର ତୃତୀୟ ଲହର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ବୈଠକରେ ଆହ୍ୱାନ ଦେଇଥିଲେ ବିଧାୟକ। ଏହି ସମୟରେ ଶିଶୁମାନେ ପ୍ରଭାବିତ ହେବା ବିଶେଷଜ୍ଞ ଅନୁମାନ କରୁଥିବାରୁ ବିଭାଗ ଓ ବ୍ଲକ ପ୍ରଶାସନ କି ପ୍ରକାର ପ୍ରସ୍ତୁତି କରୁଛି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଠାରେ ଜଣେ ଶିଶୁବିଶେଷଜ୍ଞ ଡାକ୍ତର ଥିବାରୁ ବିଶେଷ ଅସୁବିଧା ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କୋଭିଡ ଟିକାକରଣ ଉପରେ ଆଲୋଚନା ବେଳେ ବ୍ଲକର ୪୫ବର୍ଷରୁ ଊର୍ଦ୍ଧ୍ୱ ୨୫୫୭୨ ଜଣଙ୍କ ମଧ୍ୟରୁ ୮୪୫୭ ଜଣ ପ୍ରଥମ ପର୍ଯ୍ୟାୟ ଟିକା ନେଇ ସାରିଥିବା କୁହାଯାଇଥିଲା। ବ୍ଲକରେ ୧୯ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ କାହାକୁ ଏ ଯାଏ ପ୍ରମାଣ ପତ୍ର ମିଳିନାହିଁ। ଏହିକ୍ଷେତ୍ରରେ ମୃତକଙ୍କ ପରିବାର କିପରି ପିଏମ କେୟାର ଫଣ୍ଡରୁ ସହାୟତା ପାଇବେ ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବିଧାୟକ କହିଥିଲେ। ଆରକେଏସ ଖର୍ଚ୍ଚ ହିସାବ ଓ ନିରାମୟ ଆଲୋଚନାବେଳେ ଡାକ୍ତରଖାନାକୁ ଯୋଗାଣ ହେଉଥିବା ଲୋକାଲ ପରଚେଚ ଔଷଧ ରୋଗୀ ପାଉ ନ ଥିବା ଅଭିଯୋଗ ହୋଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀ କେଉଁ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଛି ତାହାର ରେକର୍ଡ ଦେଖାଇ ନ ପାରି ନ ଥିଲେ। ନିଦାନ ଆଲୋଚନାବେଳେ ଟେକନିସିଆନ ଥାଇ ସୁଦ୍ଧା ଡାକ୍ତରଖାନକୁ ଦେଢ ବର୍ଷ ତଳୁ ଯୋଗାଣ ହୋଇଥିବା ଅଟୋ ଏନାଲାଇଜର ମେଶିନ କାର୍ଯ୍ୟକ୍ଷମ କରାଯାଇ ନ ଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ ବିଧାୟକ। ଏପ୍ରିଲ ୧ରୁ ଜୁନ ୭ସୁଦ୍ଧା ୫୦୫୯ ଜଣଙ୍କ କୋଭିଡ ପରୀକ୍ଷଣ କରାଯାଇଛି। ସେଥିରୁ ୭୯୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୨ଜଣ ସକ୍ରିୟ ରହିଛନ୍ତି। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କାମ ସମ୍ପୂର୍ଣ୍ଣ କରିବା, ଡ୍ରେନ, ନୂତନ ଓପିଡି ଓ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଭୂତଳ ପମ୍ପ ଖନନ ପାଇଁ ଦାବି ରଖାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ପ୍ରଜ୍ଞା ବାରିକ ଓ ଡାକ୍ତରଖାନ ଷ୍ଟାଫ ଉପସ୍ଥିତ ଥିଲେ।



ରୋଗୀ କଲ୍ୟାଣ ସମିତି ବୈଠକରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଜଣେ ମୃତ

**ବ୍ରଜରାଜନଗର,୭।୬ (ଡି.ଏନ.ଏ.):** ବ୍ରଜରାଜନଗର ରେଳ ଷ୍ଟେଶନଠାରୁ ଏକ କିମି ଦୂର ଗଙ୍ଗନଗର ପାଖ ରେଳ ଲାଇନରେ ରବିବାର ରାତି ପ୍ରାୟ ସାଢେ ୧୦ଟାରେ ଜଣେ ଯୁବକ ଗୀତାଞ୍ଜଳି ଏକ୍ସପ୍ରେସରେ କଟି ପ୍ରାଣ ହରାଇଛନ୍ତି। ମୃତକ ହେଲେ ନିକଟସ୍ଥ ବୁଗୁଦାପଡାର ବିକାଶ ଚନ୍ଦ୍ର ପାଣ୍ଡେ (୧୯)। କିଛିଦିନ ପୂର୍ବେ ବିକାଶ ତାଙ୍କ ସାଙ୍ଗ ସହ ମିଶି ରେଳ ଷ୍ଟେଶନରୁ ସ୍କ୍ରାପ୍ ଚୋରି କରୁଥିବା ବେଳେ ଆର୍‌ପିଏଫ୍ ହାତରେ ଧରାପଡିଥିଲେ। ରବିବାର ଆର୍‌ପିଏଫ୍ କର୍ମଚାରୀ ସେ ବ୍ୟବହାର କରୁଥିବା ମୋଟର ସାଇକେଲ ଜବତ କରି ତାଙ୍କୁ ବେଲବଣ୍ଡରେ ଛାଡି ଦେଇଥିଲେ। ମୋଟରସାଇକେଲ ତାଙ୍କ ମାମୁଙ୍କର ଥିବାରୁ ସେ ତାହାକୁ ନ ପାଇ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ସନ୍ଦେହ ପ୍ରକାଶ ପାଉଛି। ଜିଆର୍‌ପି କେସ୍ ନଂ.୧୯/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ମାନେଶ୍ୱର ବ୍ଲକର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

**ପଡିଆବାହାଲ, ୭।୬ (ଡି.ଏନ.ଏ.):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ମାନେଶ୍ୱର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମାନେଶ୍ୱରରେ ଟିକାକରଣକୁ ଚାଲୁ କରିବା, ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ଆଶା, ଅଙ୍ଗନୱାଡି, ଗ୍ରାମରୋଜଗାର ସେବକ, ଆର୍‌ଡବ୍ଲୁଏସ୍‌ଏସ୍ ଓ ସରକାରୀ ସଂସ୍ଥାରେ କାମ କରୁଥିବା ସ୍ଥାୟୀ, ଅସ୍ଥାୟୀ କର୍ମଚାରୀଙ୍କୁ କରୋନା ଟିକା, ମାସ୍କ, ସାନିଟାଇଜର ପ୍ରଦାନ, କାର୍ଯ୍ୟରତ ବେଳେ କରୋନାରେ ପ୍ରାଣହାନୀ ହେଲେ କ୍ଷତିପୂରଣ ସହ ପରିବାରର ଜଣଙ୍କୁ ଚାକିରି ଦେବା, ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଆଦି ଦାବିପତ୍ରରେ ଦର୍ଶାଯାଇଛି।

### ଆୟୁଷ-୬୪ ଔଷଧ ବିତରଣ

**ସମ୍ବଲପୁର,୭।୬ (ବ୍ୟୁରୋ):** ଭାରତର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆୟୁଷ-୬୪ ଔଷଧର ବିତରଣ ସମ୍ବଲପୁରରେ ଆରମ୍ଭ ହୋଇଛି। ସ୍ଥାନୀୟ ଶିକ୍ଷା ବିଭାଗ ସମିତି ସମ୍ଭାଗ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେବା ଭାରତୀ ସମ୍ବଲପୁର ଜିଲା ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ସେବା ଭାରତୀକୁ ବିତରଣ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଡ. ପ୍ରସନ୍ନ ବେଉରିଆ ଅଧକ୍ଷତା କରିଥିଲେ। ଆୟୁଷ ଡା. ରାଜାରାମ ଷଡଙ୍ଗୀ ଏହାର ଗୁଣବତ୍ତା ଓ ସେବନର ଉପକାରିତା ବାବଦରେ ଆଲୋଚନା କରିଥିଲେ। ଜିଲା ସଂଯୋଜକ ଅକ୍ଷୟ କୁମାର ଭୋଜରାଜ ସଂଯୋଜନା କରିଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର, ବିଭାଗ ପ୍ରଚାରକ ଶ୍ରୀମନ୍ତ ପ୍ରଧାନ, ସେବା ଭାରତୀ ପ୍ରାନ୍ତ ସଂଯୋଜକ ହୃଷୀକେଶ ନାଗ, ଜିଲା କାର୍ଯ୍ୟବାହ ରାମକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବସନ୍ତପୁର ମୌଜା ଚାଷୀଙ୍କ ସମସ୍ୟାର ସମାଧାନ

**ସମ୍ବଲପୁର,୭।୬ (ବ୍ୟୁରୋ):** ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁର ମୌଜାର ଚାଷୀମାନଙ୍କ ସମସ୍ୟା ସମାଧାନ ହୋଇଛି। ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଧାନ ବିକ୍ରି କରିବାକୁ ସେମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଜିଲା ଯୋଗାଣ କାର୍ଯ୍ୟାଳୟରେ ଚାଷୀମାନେ ପଞ୍ଜୀକରଣ କରିଛନ୍ତି। ଶୁକ୍ରବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ମୋଟ ୨୧୪ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଛି। ଏ ସମ୍ପର୍କରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, ଚାଷୀମାନେ କର୍ଡୋଲା ସମବାୟ ସମିତିରେ ପଞ୍ଜୀକରଣ କରିଆସୁଥିଲେ। ହେଲେ ଚଳିତବର୍ଷ ନୂତନ ନିୟମ ହେଉଥିବାରୁ ପଞ୍ଜୀକରଣ ହୋଇପାରି ନ ଥିଲା। ଚାଷୀମାନେ ଅଭିଯୋଗ କରିବା ପରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ଏବେ ସ୍ୱତନ୍ତ୍ର ଭାବେ ସରକାର ଧାନ ବିକ୍ରି କରିବା ପାଇଁ ଅନୁମତି ଦେଇଛନ୍ତି। ଶୀଘ୍ର ଚାଷୀ ମାନଙ୍କ ଟୋକନ ଆସିଯିବ। ସୂଚନାଯୋଗ୍ୟ ୧୯୪୬ ମସିହାରେ ରାଜ୍ୟ ସରକାର ପ୍ରାୟ ୭ ହଜାର ୫୦୦ ଶହ ଏକର ଜମି ଅଧିଗ୍ରହଣ କରିଥିଲେ। କେବଳ ୫ ଶହ ଏକର ଜମିରେ କେନାଲ ନିର୍ମାଣ ହୋଇଥିଲା। ରାଜ୍ୟ ସରକାରଙ୍କ ତ୍ରୁଟି ଯୋଗୁ ଅନେକ ବିସ୍ଥାପିତ କ୍ଷତିପୂରଣ ପାଇନାହାନ୍ତି। ଏବେ ମଧ କେତେକ ପରିବାର ସେଠାରେ ରହି ଜମି ଚାଷ କରୁଛନ୍ତି। ହେଲେ ଅମଳ ହୋଇଥିବା ଧାନ ବିକ୍ରି କରିବାରେ ସମସ୍ୟା ଲାଗିରହିଥାଏ।

# ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ୩ୟ ୟୁନିଟ୍ ବନ୍ଦ

**ଝାରସୁଗୁଡ଼ା ଅଫିସ,୭।୬**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ତୃତୀୟ ୟୁନିଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ରବିବାରଠାରୁ ଉକ୍ତ ୟୁନିଟ୍ ବନ୍ଦ ରହିଛି। ଫଳରେ ୬୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏହି ୟୁନିଟ୍‌ରୁ ପାଉଁଶ ନିଷ୍କାସନ ହୋଇ ନ ପାରି ଇଏସ୍‌ପି ହପର୍ (ପାଉଁଶ ସଂଗ୍ରହ ସ୍ଥାନ) ନିକଟରେ ପାହାଡ଼ ଭଳି ପାଉଁଶ ଗଦା ହୋଇ ରହୁଛି। ଏହାକୁ ପ୍ରକଳ୍ପ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ହାଇୱା ଓ ଜେସିବି ଲଗାଇ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ଏହି କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ବହୁ ଠିକାଦାର ନିୟୋଜିତ ହୋଇଛନ୍ତି।

ଏହି ସମସ୍ୟା ବାରମ୍ବାର ଦେଖାଦେଉଥିଲେ ମଧ କମ୍ପାନୀ ତରଫରୁ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଫଳରେ ଉଭୟ ୟୁନିଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଏ ଦିଗରେ କମ୍ପାନୀ କୋଟି କୋଟି ଟଙ୍କା କ୍ଷତି ସହିବାରେ ଲାଗିଛି। ପ୍ରକଳ୍ପ ସମ୍ପ୍ରସାରଣ ସମୟରେ ଡ୍ରଇଁ ଡିଜାଇନ୍‌ରେ କେତେକ ତ୍ରୁଟି ରହିଥିବାବେଳେ ତୃତୀୟ ଓ ଚତୁର୍ଥ ୟୁନିଟ୍ ଫୁଲ୍‌ଫେଜ୍‌ରେ ଚାଲିପାରୁନାହିଁ।



ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ହପରରୁ ନିର୍ଗତ ହେଉଥିବା ପାଉଁଶ ଗଦା।

ଫଳରେ ଏହି ୟୁନିଟ୍ ଦ୍ୱୟରୁ ପୂର୍ଣ୍ଣ କ୍ଷମତାରେ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁନାହିଁ। ଏହି ୟୁନିଟ୍ ଦ୍ୱୟ ନିର୍ମାଣରେ କେତେକ ଅନିୟମତା ହୋଇଛି। ଏଥିରେ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଛି ବୋଲି ଅଫିସର୍ସ ଆସୋସିଏଶନ୍, କର୍ମଚାରୀ ୟୁନିୟନ ଅଭିଯୋଗ କରି ତଦନ୍ତ ଦାବି କରିଆସୁଛି। ସୂଚନାଯୋଗ୍ୟ ୨୦୨୦ ସେପ୍ଟେମ୍ବର ୫ତାରିଖରେ ହପର୍ ଖସିପଡିବା ଫଳରେ ତଳେ କାର୍ଯ୍ୟରତ ଶ୍ରମିକଙ୍କ ଉପରେ ଗରମ

**୬୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ**

ପାଉଁଶ ପଡିଯାଇଥିଲା। ଫଳରେ ଏଥିରେ ୫ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତୃତୀୟ ୟୁନିଟ୍ ବନ୍ଦ ନେଇ ପ୍ରକଳ୍ପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, କୋଇଲା ନିମ୍ନମାନର ଯୋଗୁ ପ୍ରକଳ୍ପରୁ ଅଧିକ ମାତ୍ରାରେ ପାଉଁଶ ନିର୍ଗତ ହେଉଛି। ଏହା ନିଷ୍କାସନ ହୋଇ ନ ପାରିବାରୁ ଇଏସ୍‌ପି ହପର୍ ଉପରେ ଅଧିକ ଚାପ ପଡୁଛି। ଫଳରେ କମ୍ପାନୀ ତରଫରୁ ବାଧ୍ୟହୋଇ ଉକ୍ତ ୟୁନିଟ୍‌କୁ ବନ୍ଦ କରାଯାଇଛି। ଏଭଳି ନିମ୍ନମାନର କୋଇଲା ପାଇଁ ଚତୁର୍ଥ ୟୁନିଟ୍‌କୁ ଲୋଡ୍ କମ୍ ଦିଆଯାଇଛି। ଫଳରେ ଏହି ୟୁନିଟ୍‌ରୁ ୬୬୦ ପରିବର୍ତ୍ତେ ୩ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ତରଫରୁ ଉନ୍ନତମାନର କୋଇଲା ଯୋଗାଇଦେବା ପାଇଁ ଏମ୍‌ସିଏଲ୍‌କୁ ଅନୁରୋଧ କରାଯାଇଛି ବୋଲି ସେ କହିଥିଲେ।

# ଚାଷୀ ସମସ୍ୟା ସମାଧାନ ଦାବି



ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ଦିଆଯାଉଛି।

**ସମ୍ବଲପୁର,୭।୬ (ବ୍ୟୁରୋ)**

ସମ୍ବଲପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଜିଲା ପ୍ରଶାସନ ପାଖରେ ଦାବି କରିଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ବାବୁଙ୍କ ନେତୃତରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ରାମଚନ୍ଦ୍ର ମେହେର, ଅନୀଲ ବେହେରା, ଦାମୋଦର କର, ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଏକ ପ୍ରତିନିଧି ଦଳ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସରୋଜ ମିଶ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ସମବାୟ ସମିତି ଓ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ମାଧ୍ୟମରେ ଧାନ ସଂଗ୍ରହ କରାଯାଉଛି। ହେଲେ ବଜାରରେ ସୁବ୍ୟବସ୍ଥା କରାଯାଉ ନାହିଁ। ୟାସ ବାତ୍ୟାରେ ବ୍ୟାପକ ଫସଲ କ୍ଷତି ହୋଇଛି। ଏହାର ଆକଳନ କରି କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ।

# କୋଭିଡ୍ ହସ୍ପିଟାଲରୁ ଚୋରି: ୩ ଅଟକ

**ଝାରସୁଗୁଡ଼ା ଅଫିସ,୭।୬**

ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲ୍‌ରେ କନକତୋରା ଗ୍ରାମର ନନ୍ଦଲାଲ୍ ବିଶ୍ୱାଳ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ଗତ ୩୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ନିକଟରେ ଥିବା ୧୦ହଜାର ଟଙ୍କା ଓ ସୁନାଚେନ ମିଳି ନ ଥିଲା। ମୃତକଙ୍କ ପୁଅ ପ୍ରଶାନ୍ତ ବିଶ୍ୱାଳ ସୁନାଚେନ୍ ଓ ଟଙ୍କାପାଇଁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପାଳ ଓ ଏସ୍‌ପିଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ଏ ନେଇ କୋଭିଡ୍ ହସ୍ପିଟାଲ ତରଫରୁ ଡା.ଏଲ୍ କେ କର୍ମୀ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଗତ ଶନିବାର ଏକ ମାମଲା (ନଂ.୨୭୩/୨୧) ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ କୋଭିଡ୍ ହସ୍ପିଟାଲ୍‌ର ୩ଜଣ ଠିକା କର୍ମଚାରୀଙ୍କୁ ପୋଲିସ ୪ଦିନ ହେଲା ଥାନାରେ ଅଟକ ରଖିଛି। କର୍ମଚାରୀମାନେ ଚୋରି କରିଥିବା ସ୍ୱୀକାର କରିଥିଲେ ମଧ ଚୋରି ସାମଗ୍ରୀ ଜବତ ହୋଇନାହିଁ। ବହୁଶୀଘ୍ର ପର୍ଦ୍ଦାଫାଶ ହେବବୋଲି ଆଇଆଇସି ସାବିତ୍ରୀ ବଳ କହିଛନ୍ତି। ପୋଲିସ ଟିମ୍ ରବିବାର କନକତୋରାରେ ପହଞ୍ଚି ପ୍ରଶାନ୍ତଙ୍କୁ ପଚରାଉଚରା କରିଛି। ପ୍ରଶାନ୍ତଙ୍କ ଦାବି ଅନୁସାରେ କୋଭିଡ୍ ହସ୍ପିଟାଲ ସିସିଟିଭି ଫୁଟେଜ ଯାଞ୍ଚ ପାଇଁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାନ୍ତ କୋଭିଡ୍ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ହାଇଟେକ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ପ୍ରତ୍ୟାହାର ଦାବି କରିଛନ୍ତି। ଏହା ନ ହେଲେ ତଦନ୍ତରେ ବଧାହେବ ବୋଲି ସେ କହିଛନ୍ତି। ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି ଚୋରି ସାମଗ୍ରୀ ଜବତ କରାଯାଇ ସମ୍ପୃକ୍ତ ଅଟକ କର୍ମଚାରୀଙ୍କୁ କୋର୍ଟ ଚାଲାଣ କରାଯିବ।



ପୋଲିସ କନକତୋରାରେ ମୃତକଙ୍କ ପୁଅଙ୍କୁ ପଚରାଉଚରା କରୁଛି।

# ବ୍ରାଉନ୍‌ସୁଗାର ସହ ୩ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୭।୬ (ବ୍ୟୁରୋ)**

ସମ୍ବଲପୁର ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ରେଙ୍ଗାଲି ପୋଲିସ ମିଳିତ ଚଢ଼ାଉ କରି ରେଙ୍ଗାଲି ଥାନା ବାଇପାସ୍ ନିକଟରୁ ବ୍ରାଉନ୍‌ସୁଗାର ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଧଉଳି ଥାନା ଶିଶୁପାଳଗଡ଼ର ଜ୍ୟୋତିରଞ୍ଜନ ମହାନ୍ତି (୩୪), ନୟାଗଡ଼ ଜିଲା ଶରଣକୁଳର

**୫ ଲକ୍ଷ ଟଙ୍କା, କାର୍, ମୋବାଇଲ ଜବତ**

ତ୍ରିଲୋକନାଥ ପ୍ରଧାନ (୪୦) ଓ ବରଗଡ଼ ଜିଲା ସଦର ଥାନା ସରସରା ଗ୍ରାମର ମନୀଷ ଅଗ୍ରୱାଲ (୨୬)। ସେମାନଙ୍କ ନିକଟରୁ ୩୧ ଗ୍ରାମ୍ ଲେଖାଏ ୨ଟି ପ୍ୟାକେଟ୍ ବ୍ରାଉନ୍‌ସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ୨୦ ହଜାର ଟଙ୍କା। ଏହାସହ ନଗଦ ୫ ଲକ୍ଷ ୪୪୦ ଟଙ୍କା, ଓଡି୦୨ବିକ୍ୟୁ୭୭୭୫ ନମ୍ବର ଦାମୀ କାର, ୪ ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ରେଙ୍ଗାଲି ଥାନାରେ କେସ୍ ନଂ.୧୦୧/୨୧ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ



ଜବତ ଟଙ୍କା, ମୋବାଇଲ ଓ ବ୍ରାଉନ୍‌ସୁଗାର ଏବଂ ଗିରଫ ୩ ଅଭିଯୁକ୍ତ।

ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାଫିଆମାନେ କାର୍ ଯୋଗେ ବ୍ରାଉନ୍‌ସୁଗାର ଝାରସୁଗୁଡ଼ା ଚାଲାଣ କରୁଥିବା ଖବର ମିଳିବା ପରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ରବିବାର ସନ୍ଧ୍ୟାରେ ରେଙ୍ଗାଲି ବାଇପାସ୍‌ରେ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୨ ପ୍ୟାକେଟ୍ ବ୍ରାଉନ୍‌ସୁଗାର ମିଳିଥିଲା। କାର୍‌ରେ ଥିବା ୩ ଅଭିଯୁକ୍ତଙ୍କୁ ପୋଲିସ କାବୁ କରି ନେଇଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଶୀଘ୍ର ଗିରଫ କରିବ ବୋଲି କହିଥିଲେ। ଚଢ଼ାଉରେ ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଏସ୍‌ଆଇ ସଞ୍ଜୟ କୁମାର ସାହୁ, ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ହାବିଲଦାର ଏସ୍.କେ. ସାହୁ, ପି. ବାଗ, ଏନ୍. ମହାପାତ୍ର, ୟୁ. ନାଏକ ସାମିଲ ଥିଲେ।

# ମାମୁ ମାଈଁଙ୍କ ପାଖରେ ରହିବେ ମା'ବାପା ଛେଉଣ୍ଡ ଭଉଣୀଭାଇ

**ଝାରସୁଗୁଡ଼ା ଅଫିସ,୭।୬**

ଝାରସୁଗୁଡା ଜିଲା ବ୍ରଜରାଜନଗର ଶାସ୍ତ୍ରୀନଗରର ଭଉଣୀଭାଇ ମା'ବାପାଙ୍କୁ ହରାଇବା ପରେ ଅନାଥ ହୋଇଯାଇଛନ୍ତି। ଏବେ ୨ ଅନାଥ ଶିଶୁଙ୍କୁ ତାଙ୍କ ମାମୁ ମାଈଁ ନିଜ ପାଖକୁ ନେଇଆସିଛନ୍ତି। ୧ବର୍ଷ ତଳେ ବାପା ମୃତ୍ୟୁବରଣ କରିଥିବାବେଳେ ଶିଶୁ ୨ଜଣଙ୍କ ମାଆ ଥିଲେ। ଏଭଳି ସ୍ଥିତିରେ ମାଆ କରୋନାରେ ଆକ୍ରାନ୍ତ ହୋଇ ଝାରସୁଗୁଡା କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବାବେଳେ ଗତ ୩ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଖବରପାଇ ବ୍ରଜରାଜନଗର ପୂର୍ବତନ ପୌର ଉପାଧ୍ୟକ୍ଷ ଜୟନ୍ତ ଦିକ୍ଷୀତ ଚାଇଲ୍ଡ ଲାଇନ୍‌କୁ ଜଣାଇଥିଲେ। ଚାଇଲ୍ଡ ଲାଇନ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡିପିପିୟୁ କାଉନ୍‌ସିଲର ସମିର କୁମାର ମିଶ୍ର, ଚାଇଲ୍ଡ ଲାଇନ୍ ସଦସ୍ୟା ଜ୍ୟୋସ୍ନା ପ୍ରଧାନ, ପୂର୍ବତନ ପୌର ଉପାଧ୍ୟକ୍ଷ ଦିକ୍ଷୀତ ପ୍ରମୁଖ ଲମଟିବାହାଲସ୍ଥିତ ମାମୁ ମାଈଁଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅନାଥ ୨ ଶିଶୁଙ୍କୁ ତାଙ୍କ ମାମୁ ମାଈଁ ନିଜ ପାଖରେ ରଖିବେ ବୋଲି କହିଥିଲେ। ଏହା ଜାଣିବା ପରେ କୋଭିଡ୍ ନିୟମ ପାଳନ କରି ଅନ୍‌ଲାଇନ୍‌ରେ ଭିଡିଓ କନ୍‌ଫରେନ୍ସି ଜରିଆରେ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରାଯାଇଥିଲା। ଏହି ଅନାଥ ଶିଶୁଙ୍କୁ କେନ୍ଦ୍ର ସରକାରଙ୍କ ପିଏମ୍ କେୟାର ଓ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ପଣ୍ଡା କହିଛନ୍ତି।



ଚାଇଲ୍ଡ ଲାଇନ୍ ଅଧିକାରୀମାନେ ମାମୁଘରେ ଅନାଥ ଶିଶୁଙ୍କ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ଭିମ୍‌ସାରରେ ୧୦ ବ୍ଲାକ୍ ଫଙ୍ଗସ୍ ରୋଗୀ

**ସମ୍ବଲପୁର,୭।୬ (ବ୍ୟୁରୋ)**

**୩ ବିଭାଗରେ ୩୦ ଶଯ୍ୟା ସଂରକ୍ଷିତ ନିଷ୍ପତ୍ତି**
- ୩ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର
- ୭୦ ଫାଇଲ ଇଞ୍ଜେକଶନ ସରିଲାଣି

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ବ୍ଲାକ୍ ଫଙ୍ଗସ୍ ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସୋମବାର ମିଳିଥିବା ରିପୋର୍ଟ ଅନୁସାରେ ଏଠାରେ ୧୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧିକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଭାବେ ଶଯ୍ୟା ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

ସୋମବାର ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧୀକ୍ଷକ ଲାଲ ମୋହନ ନାଏକ, ଡିନ୍ ପ୍ରଫେସର ଜୟଶ୍ରୀ ଡୋରା ଓ ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଚକ୍ଷୁ, ଇଏନ୍‌ଟି, ମେଡିସିନ ଏହି ୩ ବିଭାଗରେ ୧୦ ଲେଖାଏ ମୋଟ ୩୦ ଶଯ୍ୟା ସଂରକ୍ଷିତ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ। ରୋଗୀ ସଂଖ୍ୟା ବୃଦ୍ଧି ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଅଧୀକ୍ଷକ ପ୍ରଫେସର ନାଏକ କହିଛନ୍ତି। ସେ ଆହୁରି କହିଛନ୍ତି, ଭିମ୍‌ସାରରେ ୧୦ ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ହେଲେ ଆବଶ୍ୟକ ପଡୁଥିବା ଆମ୍ଫୋଟେରିସିନ ଇଞ୍ଜେକଶନ ଅଭାବ ରହିଛି। ଆସିଥିବା ୭୦ ଫାଇଲ ଇଞ୍ଜେକଶନ ରୋଗୀମାନଙ୍କୁ ଦିଆଯାଇ ସାରିଛି। ଇଞ୍ଜେକଶନ ଅଭାବ ରହୁଥିବାରୁ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି। ଏହି ରୋଗ ମୁଖ୍ୟତଃ ମସ୍ତିଷ୍କ, ନାକ, କାନ, ଆଖି ସଂକ୍ରମଣ କରି ନଷ୍ଟ କରିଦେଇଥାଏ। ଠିକ୍ ସମୟରେ ରୋଗୀଙ୍କୁ ଚିକିତ୍ସା ନ କଲେ ଜୀବନ ପ୍ରତି ବିପଦ ରହିଥାଏ। ଆବଶ୍ୟକ ଇଞ୍ଜେକଶନ ଓ ଔଷଧ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଇଏନ୍‌ଟି ବିଭାଗରେ ଆଉ ୬ ଗୋଟି ଏଣ୍ଡୋସ୍କୋପି ମେଶିନ ଲଗାଯିବାକୁ ଯୋଜନା କରାଯାଇଥିଲା। ଏ ନେଇ ସରକାରଙ୍କୁ ଅବଗତ କରାଯିବା ସହ କିଣିବା ପ୍ରକ୍ରିୟା ସରିଛି। ସପ୍ତାହ ମଧରେ ଏହି ମେଶିନ ଭିମ୍‌ସାରରେ ପହଞ୍ଚିବ। ଏହା ଦ୍ୱାରା ବ୍ଲାକ୍ ଫଙ୍ଗସ୍ ରୋଗ ଶୀଘ୍ର ଚିହ୍ନଟ ହୋଇପାରିବ। କିଛିଦିନ ତଳେ ବରଗଡ ଜିଲାର ଜଣେ ୬୦ ବର୍ଷୀୟ ସଂକ୍ରମିତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ହେଲେ ଭିମ୍‌ସାର କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଥିଲେ। ସନ୍ଦେହରେ ଚିକିତ୍ସା କରାଯାଉଥିଲା, ରୋଗୀଙ୍କ ସମସ୍ତ ପରୀକ୍ଷା ରିପୋର୍ଟ ଆସି ନ ଥିବାରୁ ବ୍ଲାକ୍ ଫଙ୍ଗସ୍ ପ୍ରମାଣ ମିଳି ନ ଥିବା କୁହାଯାଇଥିଲା।



ବୁର୍ଲାସ୍ଥିତ ଭିମ୍‌ସାର।

**INSTITUTE OF MATHEMATICS AND APPLICATIONS**
Andharua, Bhubaneswar-751029
(Established by the Govt. of Odisha)
Under Science & Technology Department
Ref: No. IMA/42-Admission/322 /2021 Date: 07/06/2021

**ADMISSION NOTICE FOR THE ACADEMIC YEAR 2021-22**

No. CAD-406

The Institute of Mathematics and Applications (IMA) is a premier institute well known for its unique teaching, research and training activities. The vision of IMA is to generate, disseminate, and preserve knowledge in mathematical science and related discipline and to use this knowledge for promoting welfare of the people. The aim of the institute is to strive for excellence and spread the culture of mathematical competence at all levels of the society. Its serene environment and beautiful campus atmosphere provide perfect setting for a professionally rewarding educational experience. The students are nurtured by competent teachers and the progress of the institute is monitored by a body of renowned academicians. After completing the course, the students get themselves absorbed in reputed R&D institutions, foreign Universities and Multi-National Companies. IMA conducts its own entrance test to intake students into the following courses offered by the institute.

1. **Undergraduate Course (Three Years Duration):**
   - **B.Sc.(Hons.) in Mathematics and Computing, Intake: 30 (Thirty)**
     **Eligibility:** A candidate seeking admission to this programme should have passed Higher Secondary Examination or equivalent examination with Mathematics and English as subjects.
2. **Postgraduate Courses (Two Years Duration):**
   - **M.A./M.Sc. in Computational Finance, Intake: 30 (Thirty)**
   - **M.A./M.Sc. in Mathematics with Data Science, Intake: 30 (Thirty)**
     **Eligibility:** A candidate seeking admission to these programmes should have passed Bachelor's Degree with Mathematics/Statistics as honours/pass subject.

The detailed procedure of application, fees, centers of entrance test etc. are available in the IMA website link https://www.iomaorissa.ac.in/admissions

sd/
DIRECTOR

OIPR-28006/11/0001/2122

**ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର**
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଏନ୍‌ବିବି_ବିବିଏସ୍_ଇଏଲ୍_ଓଟି_୨୧_୨୨_ଏଚ୍‌ଟି ତାରିଖ: ୦୨।୦୬।୨୦୨୧**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-୧, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର, ଆନେକ୍ସ ବିଲ୍ଡିଂ, ରେଳବିହାର, ସି.ଏସ୍.ପୁର, ଭୁବନେଶ୍ୱର ୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍ http://ireps.gov.in/ ମାଧ୍ୟମରେ ଇ ବିଡ୍ ଆମନ୍ତ୍ରଣ କରାଯାଉଛି।
**କାର୍ଯ୍ୟର ନାମ: ଜିଆର୍.୩୪୮ର ଆର୍‌ଇ କାର୍ଯ୍ୟ ସଂକ୍ରାନ୍ତରେ ପୂର୍ବତଟ ରେଳପଥଙ୍କ ଅଧୀନରେ ଖୋର୍ଦ୍ଧା ଡିଭିଜନର ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ଷ୍ଟେଶନ ମଧରେ ୟୁଜି କେବୁଲ୍ ଦ୍ୱାରା ୩୩ କେଭି (୦୧ ଗୋଟି) ଏବଂ ୧୧ କେଭି (୦୧ ଗୋଟି) ଏଚ୍‌ଟି ପାୱାର୍ ଲାଇନ କ୍ରସିଂର ସଂଶୋଧନ।**

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹ ୫୯,୨୪,୯୦୯.୭୯ | ଶୂନ୍ୟ | ₹ ୫୦୦୦/- |
| ବିଡିଂ ଆରମ୍ଭ ତାରିଖ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ୨୩।୦୬।୨୦୨୧ | ୦୬ (ଛଅ) ମାସ | ୦୭।୦୭।୨୦୨୧, ୧୨.୦୦ ଘଣ୍ଟିକା |

ବିଡ୍ ଅମାନତ ଘୋଷଣାନାମା ବଦଳରେ ଛାଡ଼ ହୋଇଥିବା ଇଏମ୍‌ଡି, ଯାହା ଅଫର୍ ସହିତ ଅପ୍‌ଲୋଡ୍ ହେଇଛି, ସନ୍ଦର୍ଭ: ଟେଣ୍ଡର ବୁକ୍ ପାରା ୧.୧.୫, ଯାହା ବିନା ଅଫର୍ ବିଧିବଦ୍ଧ ଭାବେ ନାକଚ ହୋଇଯିବ।
ଏହି ଇ-ଟେଣ୍ଡର ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ପଠାଯାଇଥିବା କୌଣସି ମାନୁଆଲ୍ ଅଫର୍‌କୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟରହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ। ଏପରି ସମସ୍ତ ଅଫର୍‌ଗୁଡ଼ିକୁ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ।
ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://ireps.gov.in/ରେ ଉପଲବ୍ଧ। ବିଡରମାନଙ୍କ ନିକଟରେ କ୍ଲାସ୍-iii ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। ସମସ୍ତ ସମ୍ପର୍କିତ କାଗଜପତ୍ର ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଏବଂ ଉପରୋକ୍ତ ଇ-ଟେଣ୍ଡର ପାଇଁ ଇ-ବିଡିଂ ନିମନ୍ତେ ନିର୍ଦ୍ଦେଶାବଳୀର ଅନୁସରଣ କରାଯିବା ଜରୁରୀ ଅଟେ।
ଏହି ଟେଣ୍ଡର ପାଇଁ କୌଣସି ସଂଶୋଧନ/ଶୁଦ୍ଧିପତ୍ର ସମ୍ପର୍କିତ ସୂଚନା ନିମନ୍ତେ ଟେଣ୍ଡର ସମାପ୍ତି ତାରିଖରୁ ସାତ ଦିନ ପୂର୍ବରୁ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

**ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-୧, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର**
**ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ**

## ସଙ୍କୁଳସ୍ତରୀୟ ପ୍ରଶିକ୍ଷଣ ଶିବିର

ଦେବଗଡ, (ଡି.ଏନ.ଏ): ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ଅନ୍ତର୍ଗତ ଦେବଗଡ ସଙ୍କୁଳର ଇ-କଣ୍ଟେଣ୍ଟ ପ୍ରଶିକ୍ଷଣ ଶିବିର ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଦେବଗଡ ସଙ୍କୁଳର ୧୦ଟି ଶିଶୁ ବିଦ୍ୟା ମନ୍ଦିରର ୧୨୬ ଜଣ ଛାତ୍ରୀଛାତ୍ର, ଗୁରୁମାଗୁରୁଜୀ ଅଂଶଗ୍ରହଣ କରିଥିଲେ । ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଶିବିର ସୋମବାର ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ସଙ୍କୁଳ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ ଅଂଶଗ୍ରହଣ କରିଥିଲେ । ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗର ସହ ସଂଯୋଜକ ତଥା ସମ୍ବଲପୁର ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ପ୍ରଶିକ୍ଷଣର ଆବଶ୍ୟକତା ନେଇ କହିଥିଲେ ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

କୁତ୍ରା, ୭।୬(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ବିରିଙ୍ଗାଟୋଲି ବସଷ୍ଟାଣ୍ଡଠାରେ ସୋମବାର ଅପରାହ୍ଣ ପ୍ରାୟ ୨ଟା ୩୦ରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ପ୍ରେମଚାନ୍ଦ ଏକ୍କା ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ଜଣାପଡିଛି ଯେ, ତଲସରା ଥାନା ଅନ୍ତର୍ଗତ ଫଲସା ଗ୍ରାମର ପ୍ରେମଚାନ୍ଦ ନିଜ ଭାଣିଜୀଙ୍କୁ ରାଜଗାଙ୍ଗପୁରକୁ ଛାଡିବା ପାଇଁ ଯାଇଥିଲେ। ଭାଣିଜୀଙ୍କୁ ରାଜଗାଙ୍ଗପୁରରେ ଛାଡିବା ପରେ ବାଇକ୍‌ରେ ଘରକୁ ଫେରିବା ସମୟରେ ବିରଙ୍ଗାଟୋଲି ବସଷ୍ଟାଣ୍ଡରେ ରାଉରକେଲା ପଟରୁ ଯାଉଥିବା ଟ୍ରକ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ରାସ୍ତାରେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଲୋକେ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ନେଇଥିଲେ। ତାଙ୍କୁ ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ। କୁତ୍ରା ପୋଲିସ ଉକ୍ତ ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି।

### ଦେବଗଡ଼ ପୌରାଞ୍ଚଳର ୧୮-୪୪ ବୟସ୍କଙ୍କ ପାଇଁ କୋଭିଡ୍ ଟିକାକରଣ ଆରମ୍ଭ

ଦେବଗଡ଼, ୭।୬ (ଡି.ଏନ.ଏ.): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଦେବଗଡ଼ ଜିଲାରେ ସୋମବାରଠାରୁ ୧୮-୪୪ବର୍ଷ ବ୍ୟକ୍ତିଙ୍କୁ ଟିକାକରଣର ଶୁଭାରମ୍ଭ ହୋଇଛି। ପୌରାଞ୍ଚଳର ଧରଣୀଧର ୟୁ.ପି ସ୍କୁଲ ଓ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ପୁରୁଣା ଛାତ୍ରାବାସ ପରିସରରେ ଦୁଇଟି ଭ୍ୟାକସିନେସନ ସେଣ୍ଟର ଖୋଲାଯାଇଛି। ଟିକା ଗ୍ରହଣ ପାଇଁ ଯୁବ ବର୍ଗ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ସକାଳୁ ଭ୍ୟାକ୍ସିନେସନ ସେଣ୍ଟର ଗୁଡିକରେ ଯୁବବର୍ଗଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି। ସକାଳ ୮ଘଟିକା ଠାରୁ ମଧ୍ୟାହ୍ନ ୧ଘଟିକା ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଟିକାକରଣ ପାଇଁ ସମୟ ନିର୍ଘଣ୍ଟ ରଖାଯାଇଥିବାବେଳେ ଏଥିପାଇଁ ଅନଲାଇନ ରେଜିଷ୍ଟ୍ରେସନକୁ ବାଧ୍ୟତାମୂଳକ କରାଯାଇଛି। ସନ୍ଧ୍ୟା ୬ଟା ପରଠାରୁ ସ୍ଲଟ ବୁକିଂ ଆରମ୍ଭ କରାଯାଇଥିଲା ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଟିକାକରଣକୁ ସୁରୁଖୁରୁରେ ପରିଚାଳନା ପାଇଁ ଜନସାଧାରଣ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍ ଲାଇନ ପାଳନ ପୂର୍ବକ ଟିକାକରଣ କେନ୍ଦ୍ରକୁ ଆସିବାକୁ ଜନସାଧାରଣଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୧୦ରୁ କଳାବ୍ୟାଜ୍ ପରିଧାନ ପାଇଁ ଫାର୍ମାସିଷ୍ଟଙ୍କ ଚେତାବନୀ

ରାଜଗାଙ୍ଗପୁର, ୭।୬ (ଡି.ଏନ.ଏ): ରାଜ୍ୟ ସରକାର ଫାର୍ମାସିଷ୍ଟଙ୍କ ପ୍ରତି ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଥିବାରୁ ଏହାର ପ୍ରତିବାଦରେ ଆସନ୍ତା ଜୁନ ୧୦ରୁ ରାଜ୍ୟ ଫାର୍ମାସିଷ୍ଟ ସଂଘର ଆହ୍ୱାନ କ୍ରମେ ସୁନ୍ଦରଗଡ ଜିଲାର ସମସ୍ତ କାର୍ଯ୍ୟରତ ଫାର୍ମାସିଷ୍ଟ କଳା ବ୍ୟାଜ୍ ପରିଧାନ କରିବେ ବୋଲି ସୁନ୍ଦରଗଡ ଶାଖା ସଭାପତି ସରୋଜ କୁମାର ବୋଷ ଏବଂ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରଣଜିତ କୁମାର ବାରିକ ମିଳିତ ଭାବେ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସଂଘର ସଦସ୍ୟମାନେ ବ୍ୟକ୍ତିଗତ ଭାବେ ଅଦାଲତର ଆଶ୍ରୟ ନେଇ ନ୍ୟାୟ ପାଇ ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ହେଲା, ଏକାଭଳି ସୁବିଧା ସୁଯୋଗରୁ ଅନ୍ୟ ସଦସ୍ୟମାନେ ବଞ୍ଚିତ ହେଉଛନ୍ତି। ସଂଘ ସଦସ୍ୟଙ୍କ ସୁବିଧାକୁ ଦୃଷ୍ଟିରେ ରଖି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ।

# ଜାଲ୍ ନିଯୁକ୍ତି ଠକେଇର ପର୍ଦ୍ଦାଫାଶ

**୮ ମୋବାଇଲ ଫୋନ୍, ଜାଲ ନିଯୁକ୍ତି ପତ୍ର, ପ୍ରିଣ୍ଟିଂ ମେଶିନ, ୬ ପାସ୍‌ବୁକ ଜବତ**

ଲହୁଣୀପଡା, ୭।୬ (ଡି.ଏନ.ଏ)

ଜାଲ୍ ନିଯୁକ୍ତି ଠକେଇର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ରେଳ ବିଭାଗର ବିଭିନ୍ନ ପଦବୀ ଏବଂ ଷ୍ଟେଟ ବ୍ୟାଙ୍କରେ ଚାକିରୀ କରାଇ ଦେବା ପାଇଁ ଏକ ରାକେଟ ପ୍ରାୟ ୫୦ ଲକ୍ଷ ଟଙ୍କା ଲୋକଙ୍କଠାରୁ ଠକି ନେଇଥିବା ଗତ ମାସ ୨୪ ତାରିଖ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଲହୁଣୀପଡା ପୋଲିସ କୌଶଳକ୍ରମେ ତଦନ୍ତ କରି ଦୁଇ ଜଣଙ୍କ ଠାରୁ ୮ଟି ମୋବାଇଲ ଫୋନ, ଜାଲ ନିଯୁକ୍ତି ପତ୍ର, ପ୍ରିଣ୍ଟିଂ ମେଶିନ, ୬ଟି ପାସବୁକ ଜବତ କରିଛି। ଏହା ସହିତ ଉକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ଓତା ଓ ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଲହୁଣୀପଡା ବ୍ଲକ



ଖବରଦାତା ସମ୍ମିଳନୀରେ ଦୁଇ ଅଭିଯୁକ୍ତ ସହ ପୋଲିସ।

ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଲମସି ଗ୍ରାମର ସନ୍ତୋଷ କୁମାର ପାତ୍ର ବିଭିନ୍ନ ଗ୍ରାମ ବୁଲି ବେକାର ଯୁବତୀ ଯୁବକମାନଙ୍କୁ ରେଳ ବିଭାଗରେ ଚାକିରୀର ପ୍ରଲୋଭନ ଦେଖାଇ ଲକ୍ଷଲକ୍ଷ ଟଙ୍କା ଠକି ନେଇଥିଲେ। ଟଙ୍କା ଦେଇଥିବା ଯୁବତୀ ଯୁବକଙ୍କୁ ସତ୍ୟ ପ୍ରମାଣିତ କରିବା ପାଇଁ ନକଲି ନିଯୁକ୍ତି ପତ୍ର ଦେଇଥିଲେ। କେନ୍ଦୁଝର ଅଞ୍ଚଳର ତାରାକାନ୍ତ ଜେନା (ସାହାଣୀ) ଓ ମାର୍ଶାଘାଇ ଅଞ୍ଚଳର ଦୀପକ କୁମାର ରାଉତଙ୍କ ସହାୟତାରେ ଟଙ୍କା ଦେଇଥିବା ଯୁବତୀ ଯୁବକମାନଙ୍କୁ କଲିକତା ଓ ବୋକାରୋ ରେଳଷ୍ଟେଶନକୁ ଡ଼କାଇ ସେଠାକାର ସହଯୋଗୀଙ୍କ ସହିତ ଖାତାରେ ଦସ୍ତଖତ ନେଇ ନିଯୁକ୍ତି ପାଇଲ କହୁଥିଲେ। ଏହାପରେ କିଛି ଦିନ ଭିତରେ ତାଲିମ ଗ୍ରହଣ କରିବ ବୋଲି ଆଶ୍ୱସନା ଦେଇ ଟଙ୍କା ନେଇଥିବା ଯୁବତୀ ଯୁବକଙ୍କୁ ପଠାଇ ଦେଉଥିଲେ। କିଛି ଦିନ ପରେ ତାଙ୍କ ଠାରୁ ଅର୍ଥ ଦାବି କରୁଥିଲେ ବୋଲି ଚାକିରୀ ଲୋଭରେ ଠକେଇର ଶୀକାର ହୋଇଥିବା ଯୁବକମାନେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି ଲହୁଣୀପଡାର ଚିନ୍ମୟ ନାଏକ ଗତ ମାସ ୨୪ ତାରିଖ ଲହୁଣୀପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାକୁ ଗୁରୁତର ସହିତ ବିଚାରକୁ ନେଇ ଦୁଇଟି ପୋଲିସ ଦଳ ଗଠନ କରି ଏହି ଆନ୍ତଃରାଜ୍ୟ ଠକ ଦଳକୁ ଠାବ କରିବାରେ ସକ୍ଷମ ହୋଇଥିଲେ। ଏହି ଆନ୍ତଃରାଜ୍ୟ ଠକ ଦଳର କିଙ୍ଗପିନ୍ କୁହାଯାଉଥିବା ଲମସି ଗ୍ରାମର ସନ୍ତୋଷ ପାତ୍ର ଲହୁଣୀପଡାର ଚିନ୍ମୟ ନାଏକଙ୍କୁ ରେଳ ବିଭାଗର ଗ୍ରୁପ 'ଏ'ରେ ନିଯୁକ୍ତି ଦେବା ପାଇଁ ପର୍ଯ୍ୟାୟ କ୍ରମେ ୨୦ ଲକ୍ଷ, କେନ୍ଦୁଡିହି ଗ୍ରାମର ଅମିତ ଲାକ୍ରାଙ୍କଠାରୁ ପର୍ଯ୍ୟାୟ କ୍ରମେ ୮ ଲକ୍ଷ, ଲହୁଣୀପଡା ଲଟେଇମୁଣ୍ଡିର ପବନ କୁମାର ସାଙ୍କଠାରୁ ୨ ଲକ୍ଷ ଏବଂ ଅନ୍ୟ ତିନି ଜଣ ଓ ଷ୍ଟେଟ ବ୍ୟାଙ୍କରେ ଚାକିରୀ କରେଇ ଦେବା ପାଇଁ ଦୁଇ ଜଣ ସମୁଦାୟ ୮ଜଣଙ୍କ ନିକଟରୁ ପ୍ରାୟ ୫୦ ଲକ୍ଷ ଟଙ୍କା ଠକିନେଇ ତାରାକାନ୍ତ ଜେନା ଓ ଦୀପକ ରାଉତ ସହାୟତାରେ ରେଳ ବିଭାଗର ଜାଲ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିଥିଲେ । ଏହି ଆନ୍ତଃରାଜ୍ୟ ଠକ ଦଳରେ ସାମିଲ ଥିବା ଅନ୍ୟମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବ ବୋଲି ସୂଚନା ଦେବା ସହିତ ରବିବାର ସନ୍ତୋଷ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୋମବାର ତାରାକାନ୍ତ ଜେନା (ସାହାଣୀ) ଓ ଦୀପକ ରାଉତଙ୍କୁ ଗିରଫ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

# ରୁଙ୍ଗ୍‌ଟା ପ୍ଲାଣ୍ଟ ପକ୍ଷରୁ କରୋନା ସଚେତନତା, ବୃକ୍ଷରୋପଣ



କମ୍ପାନୀ ପକ୍ଷରୁ ଅଞ୍ଚଳରେ ସାନିଟାଇଜ୍ କରାଯାଉଛି।

ଟେନ୍‌ସା, ୭।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ କମଣ୍ଡ ଗ୍ରାମରେ ଥିବା ଏସ୍‌ଆର ରୁଙ୍ଗ୍‌ଟା କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ପାରିପାର୍ଶ୍ୱିକ ଗ୍ରାମରେ ବୃକ୍ଷ ରୋପଣ କରିବା ସହ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କମଣ୍ଡ ଷ୍ଟିଲ ପ୍ଲାଣ୍ଟର ମୁଖ୍ୟ ପ୍ରଣୟ କୁମାର ଦେଓଙ୍କ ନିର୍ଦ୍ଦେଶ କ୍ରମେ କମଣ୍ଡ, କୁଲା, ମୁଣ୍ଡାବସ୍ତି, କୁସୁମୁଣ୍ଡି, ମାର୍କେଟ ଆଦି ବିଭିନ୍ନ ସ୍ଥାନରେ ସାନିଟାଇଜ କରାଯିବା ସହ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା। ସମସ୍ତ ଲୋକଙ୍କୁ ମାସ୍କ, ସାବୁନ, ସାନିଟାଇଜର ଦେବା ସହ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା। ନିଜ ଭିତରେ ଦୂରତା ରଖି କିଭଳି ସୁରକ୍ଷିତ ରହିବେ ଲୋକଙ୍କୁ ବୁଝାଇଥିଲେ। କୋଇଡା ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ହୋଇଥିବାରୁ ଘରୁ ବାହାରିଲେ କିପରି ମାସ୍କ ପିନ୍ଧିବେ, ଘରକୁ ଫେରିଲେ ହାତକୁ ସାବୁନରେ ଭଲ ଭାବରେ ଧୋଇବା, ମାସ୍କକୁ ୨୦ମିନିଟ ସାବୁନରେ ଧୋଇ ଖରାରେ ଶୁଖାଇବା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ପରେ ପ୍ଲାଣ୍ଟର ଆଲୋକ ସେଠୀ, ପ୍ରଶାସନ ବିଭାଗର ବିଶ୍ୱରଞ୍ଜନ ମିଶ୍ର, ହରିଷ ଭେଦ, ଅନୀଲ ବାରିକ, ସୁଭାଶୀଷ ପାହି, ଉପେନ୍ଦ୍ର ମାହାନ୍ତ, ମାନସ ଦାସ, ସ୍ମୃତିରଞ୍ଜନ ବେହୁରା ପ୍ରମୁଖ ମିଶି ଗାଁ, ବସ୍ତି ବୁଲି ପ୍ରତି ଘରେ ସାବୁନ, ମାସ୍କ, ସାନିଟାଇଜ ବଣ୍ଟନ କରିଥିଲେ।

# ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା




ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

ସୁନ୍ଦରଗଡ଼, ୭।୬ (ଡି.ଏନ.ଏ.)

ଦେଶରେ ପେଟ୍ରୋଲ, ଡିଜେଲ ତଥା ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ସୋମବାର ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟିଡିସିସି ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ଆର୍ଲବଟ କିଣ୍ଡୋଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହେବା ସହ ଡିଆରଡିଏ ଛକଠାରେ ଏକ ପ୍ରତିବାଦ ସଭା ହୋଇଥିଲା। କରୋନା ମହାମାରୀ ଯୋଗୁ ଗତ ବର୍ଷଠାରୁ ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିଲାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତ୍ୟାବଶକୀୟ ସାମଗ୍ରୀ, ପେଟ୍ରୋଲ, ଡିଜେଲ ଆଦିର କ୍ରମାଗତ ଦରବୃଦ୍ଧି ଯୋଗୁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। କେନ୍ଦ୍ର ସରକାରଙ୍କ ଭୁଲ ଟିକାକରଣ ନୀତି ଯୋଗୁ ବିଳମ୍ବରେ ଟିକାକରଣ ହେତୁ ବହୁଲୋକଙ୍କ ଜୀବନ ହାନୀ ଘଟିଛି। ଏଥିସହ ଶଟ୍‌ଡାଉନ, ଲକ୍‌ଡାଉନ ପ୍ରଭାବରେ ଲୋକଙ୍କ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇ ପଡିଥିବାବେଳେ ଅଭିନବ ପ୍ରତିବାଦ ସ୍ୱରୂପ ଯୁବ କଂଗ୍ରେସ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟିର ସଭାପତି ବେଣୁମାଧବ ତ୍ରିପାଠୀ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ଟାଉନ କଂଗ୍ରେସ ସଭାପତି ନେପାଳ ସାହୁ, ଅଜିତ ପ୍ରସାଦ, କାଳୀପଦ ସାମଲ, ଦେବାଶିଷ ଦାସ, ରମଣୀ ରଞ୍ଜନ ଯୋଶୀ, ଛାତ୍ର କଂଗ୍ରେସ ସଭାପତି ଏମ୍‌ଡି ଫଇଜଲ, ଅମିତ ତିର୍କୀ, ପାଉଲ ଖାଲକୋ, ସଦର ବିଧାନସଭା କ୍ଷେତ୍ରର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ ଯୋଗ ଦେଇଥିଲେ।

## ଶୁଖିଲା ଖାଦ୍ୟ, ପାଣି ବୋତଲ ବଣ୍ଟନ

ସୁନ୍ଦରଗଡ଼, ୭।୬(ଡି.ଏନ୍.ଏ.)

ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ଆନୁକୂଲ୍ୟରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ପରିସରରେ କରାଯାଇଥିବା କୋଭିଡ୍ ନିୟନ୍ତ୍ରଣ ଟିକାକରଣ କେନ୍ଦ୍ର ନିକଟରେ ସୋମବାର ଏକ ଷ୍ଟଲ ଖୋଲାଯାଇ ଶୁଖିଲା ଖାଦ୍ୟ ଏବଂ ପାଣିବୋତାଲ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁର ଜିଲା ସଂଯୋଜକ ତଥା ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ବିଜେଡି ସଭାପତି ଏବଂ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ଏବଂ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ ସିଂ ଯୋଗଦେଇ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ସଂଯୋଜନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟ ପରିଷଦ ହରଜେନ୍ଦ୍ର ସିଂ, ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ସୁଦାମ ଭୋଇ, ରାଜ୍ୟ ଛାତ୍ର ଜନତା ଦଳ ସମ୍ପାଦକ ଶିବାଜୀ ନାଏକ, ଜିଲା ବିଜୁ ଯୁବ ଜନତା ଦଳର ଉପସଭାପତି ବିସ୍ମୟ ପଟ୍ଟନାୟକ, ସୁବ୍ରତ ନାଏକ, ତାପସ ପଣ୍ଡା, ଧୀରଜ ପ୍ରସାଦ, କ୍ରାନ୍ତୀ ଦେ ମହାରଣା, ରୋଶନ ସାହୁ, ଶୁଭମ ସହାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ପକ୍ଷରୁ ୧୮ ରୁ ୪୫ ବର୍ଷ ପର୍ଯ୍ୟନ୍ତ ଥିବା ଜନସାଧାରଣଙ୍କ ପାଇଁ ସୁନ୍ଦରଗଡ଼ଠାରେ ଟିକାକରଣର ପ୍ରଥମ ପର୍ଯ୍ୟାୟର ଶୁଭାରମ୍ଭ କରାଯାଇଛି ।

# ପୃଥକ୍ ଘଟଣା, ଜେଲଗଲେ ୨ଅଭିଯୁକ୍ତ

ଦେବଗଡ଼,୭।୬(ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ଥାନା ପୋଲିସ ପୃଥକ ବଳାତ୍କାର ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବାରକୋଟ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ସହ ଉକ୍ତ ଗ୍ରାମର ରତ୍ନାକର ମହନ୍ତ(୩୪) ଜଣେ ମହିଳାଙ୍କୁ ଧମକ ଚମକ ଦେଇ ଶାରୀରିକ ସମ୍ପର୍କ ସ୍ଥାପନ ରଖିବା ଏବଂ ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ହତ୍ୟା ଧମକ ଦେଉଥିବା ନେଇ ପୀଡିତା ମେ ୫ତାରିଖ ଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ମାତ୍ର ଅଭିଯୁକ୍ତ ରତ୍ନାକର କରୋନା ସଂକ୍ରମିତ ହୋଇଥିବା କାରଣରୁ ସଙ୍ଗରୋଧରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

ସେହିପରି ବାରକୋଟ ଥାନାଞ୍ଚଳରୁ ଗତ ମେ ୧୩ ତାରିଖ ଦିନ ଜଣେ ନାବାଳିକା ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତଦନ୍ତ ସମୟରେ ନିଖୋଜ ନାବାଳିକାଙ୍କୁ ଅନୁଗୋଳ ଜିଲା ସମଲ ଥାନା ଅନ୍ତର୍ଗତ ବରୁଆଁ ଗ୍ରାମର କଲ୍ୟାଣ ପ୍ରସନ୍ନ ବେହେରା(୨୫) ଅପହରଣ କରି ନେଇଥିବା ଜଣାପଡିଥିଲା। ରବିବାର ଅଭିଯୁକ୍ତ ନିଜ ମାମୁଁ ଘରକୁ ଆସିଥିବା ସୂଚନା ଆଧାରରେ ପୋଲିସ ତାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ଅଭିଯୁକ୍ତ କଲ୍ୟାଣ ବିବାହିତ ଥିବା ପୋଲିସ ସୂତ୍ରରୁ ପ୍ରକାଶ।



ଗିରଫ ଦୁଇ ଅଭିଯୁକ୍ତ।

# ଲକ୍‌ଡାଉନରେ ସକ୍ରିୟ ଗୋରୁ, ଛେଳି ଚୋର

**୧୫ ଦିନରେ ଚୋରିହେଲା ୯୦ ଗୋରୁ, ଅନେକ ଛେଳି**

ସବ୍‌ଡେଗା, ୭।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ତୁମୁଲିଆ, ଯମୁନା, ବୁଡାବାହାଲ, ଭଣ୍ଡାରିଶଙ୍କରା ଗ୍ରାମରୁ ୧୫ ଦିନରେ ୨୨ ଚାଷୀ ପରିବାରର ୯୦ଟି ବଳଦ ସହ ଅନେକ ଛେଳି ଚୋରି ହୋଇଛି। ତୁମୁଲିଆ ଗ୍ରାମରେ ଏପ୍ରିଲରେ ଶତାଧିକ କରୋନା ରୋଗୀ ଚିହ୍ନଟ ହେବା ପରେ ତୁମୁଲିଆ ଗ୍ରାମକୁ ୧୦ରୁ ୧୫ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଥିଲା। ଲୋକେ ଘରୁ ବାହାରି ପାରିଲେ ନାହିଁ। ଏହାର ଫାଇଦା ଉଠାଇବାକୁ ସେହି ଗ୍ରାମର କିଛି ବଳଦ ଚୋର ସକ୍ରିୟ ହୋଇ ଉଠିଲେ। ବିଲରେ, ରାସ୍ତାରେ ଥିବା ବଳଦ, ଛେଳି ସବୁ ପିକଅପ୍ ଗାଡିରେ ଲଦି ବାହାରକୁ ଚାଲାଣ କଲେ। ଗ୍ରାମବାସୀ ଉକ୍ତ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ନାମରେ ତଲସରା ଥାନାରେ ଲିଖିତ ଅଭିଯୋଗ କଲେ। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ତଲସରା ପୋଲିସ ଦୁଇ ଜଣଙ୍କୁ ତଲସରା ଥାନାକୁ ଆଣି ପୁଣି ଛାଡି ଦେଇଥିଲେ। ମାସେ ପରେ ମଧ୍ୟ ଉକ୍ତ ଚାଷୀମାନଙ୍କ ବଳଦ ଫେରି ପାଇ ନ ଥିଲେ। ସୋମବାର ୪୦ରୁ ୫୦ ଅଭିଯୋଗକାରୀ ଯାଇ ଏସ୍‌ଡିପିଓ, ଏସ୍‌ପି ଓ ଜିଲାପାଳଙ୍କୁ ନ୍ୟାୟ ପାଇବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ଆଗକୁ ଚାଷ କାର୍ଯ୍ୟ ଥିବାରୁ ଉକ୍ତ ଚାଷୀମାନେ ବଳଦ ନ ଥିବାରୁ କିଭଳି ବିଲରେ ହଳ କରିବେ ଚିନ୍ତାରେ ପଡିଛନ୍ତି। ସେମାନଙ୍କୁ ଯଥାଶୀଘ୍ର ବିପର୍ଯ୍ୟୟ ପାଣ୍ଠିରୁ ବଳଦ କିଣିବାକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଜିଲାପାଳଙ୍କୁ ଲେଖି ଜଣାଇଥିଲେ। ଗୋରୁ ବେପାରୀ ଉକ୍ତ ଚାଷୀଙ୍କର ଘରକୁ ଯାଇ ଅଭିଯୋଗ କଲେ ଜୀବନରୁ ମାରିଦେବାର ଧମକ ଦେଉଥିବା ଚାଷୀମାନେ କହିଛନ୍ତି। ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ମଧ୍ୟ ପଛେଇବୁ ନାହିଁ ବୋଲି ଜିଲାପାଳଙ୍କୁ କହିଛନ୍ତି। ଜିଲାପାଳ ଏ ବିଷୟରେ ତଦନ୍ତ କରାଯିବ ବୋଲି କହିଥିଲେ।

# ଚୋରି ପିଗ୍ ଆଇରନ ଜବତ

**୫୩ ହଜାର ଟଙ୍କା ସହ ଟ୍ରକ୍ ଜବତ, ୨ ଗିରଫ**

ରାଜଗାଙ୍ଗପୁର, ୭।୬ (ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବରପାଲିଠାରେ ଥିବା ସୁରଜ ପ୍ରଡକ୍ଟରୁ ରବିବାର ଏକ ଟ୍ରକ ପିଗ୍ ଆଇରନ୍ ଚୋରି ହୋଇଥିବାର ସୂଚନା କମ୍ପାନୀ କର୍ତ୍ତୃପକ୍ଷ ସିସିଟିଭି ଫୁଟେଜରୁ ଜାଣିପାରି ଥାନାରେ ଏତଲା ଦେଇଥିଲେ। ପରେ ଥାନା ଅଧିକାରୀ ବିଭିସ ପ୍ରଧାନ ଏକ କେଶ ନଂ. ୧୭୪/୨୧ ରୁଜୁ କରି ତଦନ୍ତ କରିଥିଲେ। ଏଥିରେ ସଂଶ୍ଳିଷ୍ଟ ଉକ୍ତ କମ୍ପାନୀର ସୁପରଭାଇଜରକୁ ଧରିବା ପରେ ସବୁ ସାମ୍ନାକୁ ଆସିଥିଲା । କମ୍ପାନୀରୁ ଏକ ଟ୍ରକ ପିଗ୍ ଆଇରନ ସୁପରଭାଇଜର ମାଧ୍ୟମରେ ବାହାରି କୁଲଙ୍ଗା ଅଞ୍ଚଳରେ ରହିଥିଲା । ପୋଲିସ କୁଲଙ୍ଗାକୁ ଯାଇ ଉକ୍ତ ଟ୍ରକକୁ ଜବତ କରିବା ସହ ଏ ଘଟଣାରେ ସଂଶ୍ଳିଷ୍ଟ ୨ ଜଣଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୫୩ ହଜାର ଓ ୨ଟି ମୋବାଇଲ ଜବତ କରିଛି ।



ପୋଲିସ ଜବତ କରିଥିବା ଟଙ୍କା, ମୋବାଇଲ ସହ ଅଭିଯୁକ୍ତ।

# ପୋଲିସ ମାଡ଼ରେ ଯୁବକ ଗୁରୁତର

ବଡ଼ଗାଁ, ୭।୬ (ଡି.ଏନ୍.ଏ.)

ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଗରଗଡ଼ବାହାଲ ଗ୍ରାମର ବିଶେଶ୍ୱର କିଷାନ(୨୫)ଙ୍କୁ ଥାନାକୁ ନେଇ ମାଡ଼ମାରି ଗୁରୁତର କରିଛି। ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍ପିଟାଲ)ରେ ଭର୍ତ୍ତି କରାଯାଇଛି। ବିଶେଶ୍ୱରଙ୍କ ଗୋଡ଼, ହାତରେ ମାଡ଼ର ଚିହ୍ନ ଥିବା ଓ ମୁଣ୍ଡରେ ରକ୍ତ ଜମାଟ ହୋଇଯାଇଥିବା ତାଙ୍କ ଭାଇ ବିଘ୍ନେଶ୍ୱର ସୋମବାର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏନେଇ ମଙ୍ଗଳବାର ସେ ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ କହିଛନ୍ତି।

ପ୍ରକାଶ ଯେ, ୧ ତାରିଖ ରାତିରେ ଗରଗଡ଼ବାହାଲ ଗ୍ରାମର ଦୟା ଧାନଙ୍କ ଟେଲରିଂ ଦୋକାନରୁ ୨ଟି ସିଲେଇ ମେଶିନ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ସନ୍ଦେହ କରି ବିଶେଶ୍ୱର ଓ ସେହି ଗ୍ରାମର ବିନୋଦ ଲାକ୍ରା (୩୦)ଙ୍କୁ ଶନିବାର ରାତି ସାଢ଼େ ୧୨ଟାରେ ଉଠାଇ ନେଇଥିଲା। ରାତିରେ ନିସ୍ଠୁର ମାଡ ଦେଲାପରେ ହାଜତରେ ଭର୍ତ୍ତି କରିଦେଇଥିଲା। ରବିବାର ସେହି ଗ୍ରାମର ୨ନାବାଳକଙ୍କୁ ମଧ୍ୟ ଥାନାକୁ ଆଣି ମାଡ଼ ମାରିଥିଲା। ରବିବାର ରାତି ପ୍ରାୟ ୧୦ଟାରେ ଥାନା ଅଧିକାରୀ ଧକ୍କା ମାରିବାରୁ ବିଶେଶ୍ୱର ତଳେ କଚାଡି ହୋଇ ପଡିଯାଇଥିଲେ। ତାଙ୍କ ମୁଣ୍ଡ ପଛପଟେ ଆଘାତ ହେବାରୁ ପୋଲିସ ଓ ପରିବାର ଲୋକେ ବଡ଼ଗାଁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ରାତି ୧୨ଟାରେ ତାଙ୍କୁ ଘରକୁ ନେଇ ଯାଇଥିଲେ। ରାତି ପ୍ରାୟ ୩ଟାରେ ବିଶେଶ୍ୱରଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ତୁରନ୍ତ ତାଙ୍କୁ ଆଇଜିଏଚ୍‌କୁ ନେଇ ଭର୍ତ୍ତି କରାଇଛନ୍ତି। ଅନ୍ୟ ୨ ନାବାଳକଙ୍କ ସ୍ୱାସ୍ଥ୍ୟ ଠିକ୍ ନ ଥିବା ଓ ଉଭୟେ ଶାରୀରିକ ଏବଂ ମାନସିକ ସ୍ତରରେ ଆଘାତ ପାଇଥିବା ତାଙ୍କ ପରିବାର ଲୋକେ ମଧ୍ୟ କହିଛନ୍ତି। ଏ ସମ୍ପର୍କରେ ବଡ଼ଗାଁ ଥାନା ଆଇଆଇସି ବୀରକିଶୋର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ମାଡ଼ ମାରିନାହିଁ। କେବଳ ଧମକ ଦେଇଥିଲି, ସେ ନିଜେ କଚାଡି ହୋଇ ପଡିଗଲେ। ଏହାପରେ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲୁ ବୋଲି କହିଛନ୍ତି।



ପୋଲିସ ମାଡ଼ରେ ଗୁରୁତର ହୋଇଥିବା ବିଶେଶ୍ୱର କିଷାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।